# ଚାଷୀଭାଇଙ୍କ ପ୍ରତି ଏ ଉପହାସ କାହିଁକି ?

## ଆମ ଘରର ହାଲଚାଲ

ସୌମ୍ୟରଂଜନ ପଟ୍ଟନାୟକ

ମୁଣ୍ଡ ଉପରେ ପଞ୍ଚାୟତ ନିର୍ବାଚନ। ନବୀନବାବୁଙ୍କର ଏବର ଗସ୍ତସୂଚୀକୁ ଲକ୍ଷ୍ୟ କଲେ ମନେ ହେଉଛି, ନିର୍ବାଚନ ଘୋଷଣା ହୋଇ ଆଚରଣବିଧି ଲାଗୁ ହେବା ପୂର୍ବରୁ ସେ ସରକାରୀ ଖର୍ଚ୍ଚରେ ସାରା ଓଡ଼ିଶା ବୁଲି ନିଜର ଓ ଦଳର ପ୍ରଚାର କାର୍ଯ୍ୟ ସାରିଦେବା ପାଇଁ ବ୍ୟସ୍ତ। ସମୟ ଓ ସାମର୍ଥ୍ୟର ଅଭାବ ପଡ଼ିଲେ ଏକସଙ୍ଗରେ ସୁଇଚ୍ ଟିପି ଗୋଟିଏ ଜାଗାରୁ ଶତାଧିକ ଫଳକ ଉନ୍ମୋଚନ କରିବାର ଦୃଶ୍ୟ ଆମେ ଦେଖୁଛୁ। ନବୀନବାବୁଙ୍କର ଏଥିପାଇଁ କୌଣସି ସଂକୋଚ ବା ଲଜ୍ଜା ନାହିଁ। ଠିକ୍ ଏହି ସମୟରେ ଗତ ୧୭ ତାରିଖରେ ହଠାତ୍ କୃଷି କ୍ୟାବିନେଟର ବୈଠକ ଡକାଗଲା। ଲକ୍ଷ୍ୟ କରିବାର କଥା, ଠିକ୍ ତା ପରଦିନ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନବନିର୍ମାଣ କୃଷକ ସଂଗଠନ ତରଫରୁ 'ଜୟ କିଷାନ୍ ମହାସମାବେଶ'ର ଆହ୍ୱାନ ଦିଆଯାଇଥିଲା। ସମ୍ଭବତଃ ହଜାର ହଜାର ଚାଷୀ ଭାଇଙ୍କର ଏହି ସତ୍ୟାଗ୍ରହକୁ ଫିକା କରିଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କର ଏହି ତରବରିଆ କୃଷି କ୍ୟାବିନେଟ ବୈଠକ ଡକାଯାଇଥିଲା। ବୈଠକ ପରେ କ୍ୟାବିନେଟ ତରଫରୁ ମୁଖ୍ୟ ଶାସନ ସଚିବ ଯେଉଁ ସୂଚନା ଦେଲେ ତାହା ନବୀନବାବୁଙ୍କର ଚାଷୀଭାଇଙ୍କ ପ୍ରତି ଦରଦ ଥିଲା ନା ଉପହାସ ବୁଝାପଡୁନାହିଁ।

ମୁଖ୍ୟ ଶାସନ ସଚିବ ମୁଖ୍ୟତଃ ଦୁଇ ତିନୋଟି ପୁରୁଣା କଥା ଉପରେ ଗୁରୁତ୍ୱ ଦେବା ପାଇଁ ଚେଷ୍ଟା କରିଛନ୍ତି। ପ୍ରଥମେ ନବୀନବାବୁ ଶାସନକୁ ଆସିବା ପରେ ୨୦୦୩ରୁ ୨୦୧୩- ଏହି ଦଶବର୍ଷ ମଧ୍ୟରେ ଓଡ଼ିଶାର ଚାଷୀମାନଙ୍କର ଆୟ ଦୁଇଗୁଣ ହୋଇଯାଇଛି। ସାରା ଭାରତରେ ଆଉ କୌଣସି ରାଜ୍ୟରେ ଏହା ହୋଇନାହିଁ। ସାରା ଦେଶରେ ଚାଷୀ ଭାଇମାନଙ୍କର ଆୟବୃଦ୍ଧିର ଜାତୀୟ ହାର ମାତ୍ର ୩୪ ଭାଗ ବଢ଼ିଛି। ଜାତୀୟ ସୂତ୍ରରୁ ପରିସଂଖ୍ୟାନ ଦେଇ ମୁଖ୍ୟ ଶାସନ ସଚିବ ମହୋଦୟ ଏହାକୁ ପ୍ରମାଣିତ କରିବା ପାଇଁ ଚେଷ୍ଟା କରିଛନ୍ତି। ଆମର ମୁଖ୍ୟ ଶାସନ ସଚିବ ବିଜ୍ଞାନର ଜଣେ ମେଧାବୀ ଛାତ୍ର। ତାଙ୍କୁ ବୁଝାଇ କହିବାର ଆବଶ୍ୟକତା ମନେ କରୁନାହୁଁ, ସେ ନିଶ୍ଚୟ ଜାଣିଥିବେ ଯେ ପରିସଂଖ୍ୟାନ ଏଭଳି ଏକ ବିଦ୍ୟା, ଯାହାକୁ ବ୍ୟବହାର କରି ଯେ କୌଣସି କଥାକୁ ପ୍ରମାଣ କରିଦେଇହେବ। କେବଳ ତଥ୍ୟଗୁଡ଼ିକୁ ବାଛି ବାଛି ବ୍ୟବହାର କରିବାର କଳା କୌଶଳ ଜଣା ଥିବା ଦରକାର।

ମୁଖ୍ୟ ଶାସନ ସଚିବ ନବୀନଙ୍କ ଦଶବର୍ଷ ଶାସନରେ(୨୦୦୩ରୁ ୨୦୧୩) ଓଡ଼ିଶାର ଚାଷୀମାନଙ୍କର ରୋଜଗାର ଦୁଇଗୁଣ ବଢ଼ି ହଜାରେ ଟଙ୍କାରୁ ଦୁଇ ହଜାର ଟଙ୍କା ହୋଇଛି ବୋଲି କହିଲେ। କିନ୍ତୁ ଅନ୍ୟ ରାଜ୍ୟର ଚାଷୀମାନଙ୍କର ରୋଜଗାର କେତେ ହୋଇଛି ବୋଲି ଜାଣିଶୁଣି କହିଲେ ନାହିଁ। କାରଣ ଏହି ସମୟ ଭିତରେ ପଞ୍ଜାବର ଚାଷୀମାନେ ୧୮ ହଜାର ୫୯ ଟଙ୍କା ରୋଜଗାର କରୁଥିବା ବେଳେ ହରିଆନା, ଜମ୍ମୁ ଓ କଶ୍ମୀର ଓ କେରଳର ଚାଷୀମାନେ ଯଥାକ୍ରମେ ୧୪ ହଜାର ୪୩୪, ୧୨,୬୮୩ ଓ ୧୧ ହଜାର ୮୮୮ ଟଙ୍କା ମାସକୁ ରୋଜଗାର କରିଛନ୍ତି। ପଛୁଆ ରାଜ୍ୟ ବୋଲି ବିବେଚିତ ହେଉଥିବା ଆମ ପଡ଼ୋଶୀ ବିହାରରେ ଏହା ୩୫୫୮ ଟଙ୍କା ହୋଇଛି। ସାରା ଭାରତର ଚାଷୀ ଭାଇମାନଙ୍କର ମାସିକ ରୋଜଗାର ଆୟ ହାରାହାରି ୬୪୨୬ ଟଙ୍କା ହୋଇଛି। ଆମ ଓଡ଼ିଶାରେ ନବୀନବାବୁ ଆମକୁ ୨ ହଜାର ଟଙ୍କା ରୋଜଗାର ଦେଇ ଆନନ୍ଦ ଅନୁଭବ କରୁଛନ୍ତି। ଇଏ କିଭଳି ବିଚାର? ମୁଁ ଗଣିତରେ ପୂର୍ବାପେକ୍ଷା ଦୁଇଗୁଣ ଅଧିକ ନମ୍ବର ରଖିଛି ସତ; କିନ୍ତୁ ଫେଲ୍ ହୋଇ କ୍ଲାସର ସବୁଠାରୁ ପଛୁଆ ଛାତ୍ର ହୋଇଛି। ମୁଖ୍ୟ ଶାସନ ସଚିବଙ୍କ ଭଳି ବିଜ୍ଞ ପ୍ରଶାସକମାନେ ଏଭଳି ଜାଣି ସିଆଣିଆ ହେଲେ ସାଧାରଣ ଗରିବ ଓଡ଼ିଶାର ଅବସ୍ଥାରେ ପରିବର୍ତ୍ତନ ହେବ କିପରି? କୁହାଯାଉଛି ନବୀନବାବୁଙ୍କର ଶାସନ ରାଜନୈତିକ ନେତାମାନଙ୍କର କମ୍, ମୁଷ୍ଟିମେୟ ପ୍ରଶାସକମାନଙ୍କର ନିୟନ୍ତ୍ରଣରେ ଅଧିକ। ତେଣୁ ରାଜନୈତିକ ବାଧ୍ୟବାଧକତାରେ ଏଭଳି ତଥ୍ୟ ପରିବେଷଣର ଚାପକୁ ପ୍ରଶାସକମାନେ ବିରୋଧ କରୁନାହାନ୍ତି କାହିଁକି? ମହାନଦୀ ବ୍ୟାପାରରେ ଏହିଭଳି ଭୁଲ୍ ତଥ୍ୟ ପରିବେଷଣ କରି ଆମର ମୁଖ୍ୟ ଶାସନ ସଚିବ ଅପଦସ୍ଥ ହୋଇଥିଲେ।

ଅନ୍ୟ ଯେଉଁ କଥାଟି ମୁଖ୍ୟ ଶାସନ ସଚିବ ଜୋର ଦେଇ କହିଥିଲେ ତାହା ହେଲା ଆମେ ଚାଉଳ ଉତ୍ପାଦନରେ ଏତେ ଆଗେଇଯାଇଛୁ ଯେ ଓଡ଼ିଶା ଏବେ କେବଳ ଏକ ବଳକା ରାଜ୍ୟ ହୋଇନାହିଁ, ଭାରତରେ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଚାଉଳ ଯୋଗାଇବାରେ ଆମେ ତୃତୀୟ ହୋଇଛୁ। ଏଥିରେ ଚାଷରେ କିପରି ଉନ୍ନତି ହୋଇଛି, ସହଜରେ ଅନୁମାନ କରିହେବ। ସରକାରଙ୍କ ବଳକା ଚାଉଳ ରାଜ୍ୟ ସମ୍ପର୍କରେ ବକ୍ତବ୍ୟର ସଠିକ୍ ଉତ୍ତର ତାଙ୍କ କୃଷି କ୍ୟାବିନେଟର ଅନ୍ୟତମ ବରିଷ୍ଠ ସଭ୍ୟ ସମବାୟ ମନ୍ତ୍ରୀ ଡା. ଦାମୋଦର ରାଉତ ଦେଇଛନ୍ତି। ଓଡ଼ିଶା କିପରି କୃଷି କର୍ମଣ ପୁରସ୍କାର ବାରମ୍ବାର ପାଉଛି, ସେ ମଧ୍ୟ ବୁଝିପାରୁନାହାନ୍ତି। ଆମେ ଅତୀତରେ ଏହାକୁ ତିନିଜଣଙ୍କ ଦୌଡ଼ରେ ତୃତୀୟ ହେବା ସହିତ ତୁଳନା କରିଥିଲୁ। ଅସଲ କଥାଟି ହେଲା ଓଡ଼ିଶାରେ କୃଷି ଅତ୍ୟନ୍ତ ପଛୁଆ ହୋଇ ରହିଛି। ସରକାର ଏହାର ପ୍ରତିକାର ପାଇଁ କୌଣସି ମୌଳିକ ବ୍ୟବସ୍ଥା ନକରି କେବଳ ଲୋକଦେଖାଣିଆ କାର୍ଯ୍ୟକ୍ରମରେ ସୀମିତ ରହିଛନ୍ତି। ଚାଷ ଜମିର ପରିମାଣ କମୁଛି, ଜଳସେଚନ ବୃଦ୍ଧି ହୋଇନାହିଁ, କୃଷି ବିଭାଗର ଦୁର୍ନୀତି ଓ ଅପାରଗତା ଆକାଶଛୁଆଁ ହେଲାଣି। ବାରମ୍ବାର ବିଫଳ ହୋଇ ପ୍ରାୟ ଦୁଇଶହରୁ ଅଧିକ ଚାଷୀ ଆତ୍ମହତ୍ୟା କଲେଣି। ସରକାର ତାକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି। ମୁଖ୍ୟ ଶାସନ ସଚିବ ଆଉ ଯେଉଁ କଥାଗୁଡ଼ିକ କହି ଚାଷୀ ଭାଇଙ୍କ ମନ ମୋହିବାକୁ ଚେଷ୍ଟା କରିଛନ୍ତି, ତାହା ଆମକୁ ଅଧିକ ବିବ୍ରତ କରୁଛି। ଚାଷୀଙ୍କର ଶସ୍ୟବୀମା ବାବଦକୁ ପ୍ରାୟ ୧୭୦୦ କୋଟି ଟଙ୍କା ପାଇବାକୁ ଅଛି। ତାହା ଖୁବ୍‌ଶୀଘ୍ର ମିଳିବ ଏବଂ ସୋହେଲା ସମାବେଶରେ ପ୍ରତିଶ୍ରୁତି ଦିଆଯାଇଥିବା କ୍ୱିଣ୍ଟାଲ ପିଛା ଶହେ ଟଙ୍କାର ବୋନସ୍ ମଧ୍ୟ ଖୁବ୍‌ଶୀଘ୍ର ଅନ୍‌ଲାଇନ୍‌ରେ ଚାଷୀଙ୍କ ଆକାଉଣ୍ଟକୁ ଯିବ। ଏଠାରେ ମୂଳ ପ୍ରଶ୍ନଟି ହେଉଛି ଏହି ବୀମାରାଶି ଏ ପର୍ଯ୍ୟନ୍ତ ମିଳିପାରିଲା ନାହିଁ କାହିଁକି? କେନ୍ଦ୍ର ସରକାରଙ୍କ ଅବହେଳା ନା ରାଜ୍ୟ ସରକାରଙ୍କ ଅପାରଗତା? ମନେ ରଖିବାକୁ ହେବ ଏ ଦୁଇଟିଯାକ କଥା ୨୦୧୫ ଖରିଫ ଚାଷ ସମୟର କଥା। ୨୦୧୫ ଖରିଫ ପାଇଁ ମିଳିବାକୁ ଥିବା ସହାୟତା ଛାମୁ ଯାହା ଦେଲେ ହରଷେ, ପାଉ ପାଉ ଗଲା ବରଷେ ନ୍ୟାୟରେ ଏ ପର୍ଯ୍ୟନ୍ତ ମିଳିଲା ନାହିଁ। କ୍ୱିଣ୍ଟାଲ ପିଛା ଶହେ ଟଙ୍କାର ବୋନସ୍ ପରିମାଣକୁ ୫୦ କ୍ୱିଣ୍ଟାଲରେ ସୀମିତ ରଖିବା ନିଷ୍ପତ୍ତି କେବେ ଓ କାହିଁକି ନିଆଗଲା? ଏହା କାହାର ସ୍ୱାର୍ଥ ସାଧନ କରୁଛି? ପୁଣି ଶୁଣିବାକୁ ମିଳୁଛି, ଜିଲ୍ଲାପାଳମାନେ କ୍ଷତିର ପରିମାଣ ରିପୋର୍ଟକୁ ଏପାଖ ସେପାଖ କରି ଚାଷୀଙ୍କ ଦେୟକୁ କମାଇବାର ଉଦ୍ୟମ କରୁଛନ୍ତି। ଏହା ଚାଷୀଙ୍କ ପ୍ରତି ପ୍ରକୃତ ଦରଦ ନା ଉପହାସ?

ଆମ ବିଚାରରେ ଚାଷୀ ଭାଇମାନଙ୍କ ପ୍ରତି ଏହା ଦରଦ ନୁହେଁ, ବରଂ କ୍ରୂର ଉପହାସ। ଏ ଉପହାସକୁ ଚାଷୀ ଭାଇମାନେ ଆଉ ବରଦାସ୍ତ କରିବେ ନାହିଁ ବୋଲି ଯାଜପୁରର ମହାସମାବେଶ ସୂଚନା ଦେଇଛି। ଆଜି ଜଗତସିଂହପୁରଠାରେ ହେବାକୁ ଥିବା ଦ୍ୱିତୀୟ ଜୟ କିଷାନ ମହାସମାବେଶ ତାହାକୁ ପ୍ରମାଣିତ କରିବ। ଦୀର୍ଘଦିନ ଧରି ଚାଷୀ ଭାଇମାନେ ସଂଗଠିତ ହୋଇ ରହିନଥିବାରୁ ବିଭିନ୍ନ ସରକାର ଓ ଦଳ ଏହାର ସୁବିଧା ନେଇ ଆସୁଥିଲେ। ଓଡ଼ିଶାର ଦୁର୍ଭାଗ୍ୟ ହେଲା ରାଜନୈତିକ ଦଳଗୁଡ଼ିକ ସଦା କନ୍ଦଳରେ ଲିପ୍ତ ଓ ସୁବିଧାବାଦୀ ରାଜନୀତିରେ ବ୍ୟସ୍ତ। ଅନ୍ୟ କୌଣସି ସାମାଜିକ ବର୍ଗ ସଂଗଠିତ ହୋଇନଥିବାରୁ ବିକଳ୍ପର ଅଭାବ ସବୁବେଳେ ଆମ ରାଜନୀତିକୁ ଦୁର୍ବଳ କରିଆସିଛି। ଓଡ଼ିଶାର ସଂଖ୍ୟାଧିକ ଲୋକ ଚାଷ ଉପରେ ନିର୍ଭର କରୁଥିବା ଦୃଷ୍ଟିରୁ ଏମାନେ ସଂଗଠିତ ହେଲେ ସବୁ ସମସ୍ୟାର ସମାଧାନ ସମ୍ଭବ ହୋଇପାରିବ। ଆଜି ଜଗତସିଂହପୁର ମହାସମାବେଶ କୃଷି କ୍ୟାବିନେଟର ଚମକପ୍ରଦ ତଥ୍ୟ ପରିବେଷଣ ଏବଂ ଭବିଷ୍ୟତରେ ସୁନେଲି ସ୍ୱପ୍ନର ଯୋଜନାକୁ ପ୍ରତ୍ୟାଖ୍ୟାନ କରିବ ବୋଲି ମୋର ବିଶ୍ୱାସ। କାରଣ ନବୀନବାବୁଙ୍କର ଓଡ଼ିଶା ପାଇଁ ଗ୍ରହଣଯୋଗ୍ୟତା ଭବିଷ୍ୟତର ସୁନେଲି ସ୍ୱପ୍ନ ଉପରେ ନୁହେଁ, ଗତ ୧୭ ବର୍ଷର କାର୍ଯ୍ୟକ୍ରମ ଉପରେ ହିଁ ବିଚାର ହେବା ଉଚିତ। ଚାଷୀଭାଇମାନଙ୍କର ଉତ୍ପାଦର ଉଚିତ ମୂଲ୍ୟ, ସମ୍ମାନ ଏବଂ ସୁରକ୍ଷା ପାଇଁ ଚାଲିଥିବା ଏହି ଅଭିଯାନକୁ ସରକାର ହାଲକା ଭାବରେ ଗ୍ରହଣ କରନ୍ତୁ ନାହିଁ। ୨୦୦ରୁ ଊର୍ଦ୍ଧ୍ୱ ଚାଷୀ ଆତ୍ମହତ୍ୟାର ନିରପେକ୍ଷ ତଦନ୍ତ ପାଇଁ ପ୍ରସ୍ତୁତ ହୁଅନ୍ତୁ। ଚାଷୀ ଭାଇମାନଙ୍କ ତରଫରୁ ଦିଆଯାଉଥିବା ଦାବିଗୁଡ଼ିକ ପ୍ରତି ଦୃଷ୍ଟି ଦେଇ ତାର ସମାଧାନ ପାଇଁ ତୁରନ୍ତ ଉଚିତ ପଦକ୍ଷେପ ନିଅନ୍ତୁ। ନହେଲେ ଦଳମତ ନିର୍ବିଶେଷରେ ଚାଷୀ ଭାଇମାନେ ଏକାଠି ହୋଇ ସଂଖ୍ୟା ଖେଳରେ ଆପଣଙ୍କର ଅହଂକାରକୁ ହରାଇଦେବେ।